# NATIONAL NEWS BULLETIN (ODIA)

## 23 January-2025

## Morning Bulletin : 7.15 a.m.

******************************

## ମୁଖ୍ୟ ସମ୍ବାଦ

- ନେତାଜୀ ସୁବାସ ଚନ୍ଦ୍ର ବୋଷଙ୍କ ୧୨୮ତମ ଜୟନ୍ତୀ ଅବସରରେ ଆଜି ପାଳନ କରାଯାଉଛି ପରାକ୍ରମ ଦିବସ ।
- ୭୬ତମ ସାଧାରଣତନ୍ତ୍ର ଦିବସ ପରେଡ୍‌ରେ ସ୍ୱର୍ଣ୍ଣିମ ଭାରତ 'ବିରାଶତ୍ ଓ୍ୱର୍ ବିକାଶ' ଆଧାରିତ ପ୍ରଦର୍ଶିତ ହେବ ୨୬ଟି ପ୍ରଜ୍ଞାପନ ମେଢ଼ ।
- ମହାରାଷ୍ଟ୍ର ଜଲ୍‌ଗାଓଁ ଟ୍ରେନ୍ ଦୁର୍ଘଟଣାରେ ମୃତ୍ୟୁ ସଂଖ୍ୟା ୧୨କୁ ବୃଦ୍ଧି ।

– ଶୋକ ପ୍ରକାଶ କଲେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ।

- ଓ୍ୱେଷ୍ଟବ୍ୟାଙ୍କ୍‌ର ଜେନିନ୍ ସହରରେ ଇସ୍ରାଏଲ୍‌ର ସାମରିକ ଅଭିଯାନ ଯୋଗୁଁ ୧୦ ଜଣ ପାଲେଷ୍ଟାଇନ୍‌ଙ୍କର ମୃତ୍ୟୁ ।

ଏବଂ

- ଇଡେନ୍‌ଗାର୍ଡେନ୍ ଟି-ଟ୍ୱେଣ୍ଟି ବିଜୟ ସହ ଭାରତ' ଇଂଲଣ୍ଡ ବିପକ୍ଷ ୫ଟିକିଆ ସିରିଜ୍‌ରେ ୧-୦ରେ ଆଗୁଆ ରହିଛି ।

# ପରାକ୍ରମ ଦିବସ

ନେତାଜୀ ସୁବାସ ଚନ୍ଦ୍ର ବୋଷଙ୍କ ୧୨୮ତମ ଜୟନ୍ତୀ ଆଜି ସମଗ୍ର ଦେଶରେ ପରାକ୍ରମ ଦିବସ ଭାବେ ପାଳିତ ହେଉଛି । ସଂସ୍କୃତି ମନ୍ତ୍ରଣାଳୟ ତରଫରୁ ଏହି ଅବସରରେ ନେତାଜୀଙ୍କ ଜନ୍ମସ୍ଥାନ ଓଡ଼ିଶା କଟକ ଠାରେ ଆଜିଠାରୁ ତିନି ଦିନିଆ ଉତ୍ସବ ପାଳନ କରାଯାଉଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବାର କାର୍ଯ୍ୟସୂଚୀ ରହିଛି । ବାରବାଟୀ ଦୁର୍ଗ ସ୍ଥିତ ଭିଲେଜ୍ ଗ୍ରାଉଣ୍ଡ ପଡ଼ିଆ ଠାରେ ଏହି ଅବସରରେ ଆୟୋଜିତ ହେବାକୁ ଥିବା ଶ୍ରଦ୍ଧାଞ୍ଜଳି ସମାରୋହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଭିଡ଼ିଓ ବାର୍ତ୍ତାରୁ ଆରମ୍ଭ ହେବ । ନେତାଜୀଙ୍କ ଜୀବନୀ ଉପରେ ଆଧାରିତ ପୁସ୍ତକ, ଫଟୋ ପ୍ରଦର୍ଶନୀ ଏବଂ ଚଳଚ୍ଚିତ୍ର ପ୍ରଦର୍ଶନ କରାଯିବାର କାର୍ଯ୍ୟସୂଚୀ ରହିଛି । ଏଥିସହ ନେତାଜୀଙ୍କ ବାସସ୍ଥାନରେ ଜାତୀୟ ପତାକା ଉତ୍ତୋଳନ କରାଯିବ । ପରାକ୍ରମ ଦିବସ ପାଳନ ପରିପ୍ରେକ୍ଷୀରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରତିଯୋଗିତା ସହ ବିଭିନ୍ନ ସ୍ଥାନରେ କର୍ମଶାଳା ଆୟୋଜନ କରାଯାଇଛି ।

# ବୀର ସୁରେନ୍ଦ୍ର ସାଏ

ବୀର ସୁରେନ୍ଦ୍ର ସାଏଙ୍କ ୨୧୬ତମ ଜୟନ୍ତୀ ଆଜି ତାଙ୍କ ଜନ୍ମସ୍ଥାନ ଖିଣ୍ଡା ଠାରେ ପାଳନ କରାଯିବ । ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି

କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ । ସମ୍ବଲପୁର ଜେଲ୍ ଛକ ଠାରେ ଥିବା ପ୍ରତିମୂର୍ତ୍ତିରେ ପ୍ରଶାସନ ଏବଂ ବିଭିନ୍ନ ସଂଗଠନ ପକ୍ଷରୁ ପୁଷ୍ପମାଲ୍ୟ ଅର୍ପଣ କରାଯିବାର କାର୍ଯ୍ୟସୂଚୀ ରହିଛି । ଓଡ଼ିଶାର ସମ୍ବଲପୁର ଜିଲ୍ଲା ଅନ୍ତର୍ଗତ ଖିଣ୍ଡା ଠାରେ ୧୮୦୯ ମସିହାରେ ବୀର ସୁରେନ୍ଦ୍ର ସାଏ ଜନ୍ମ ଗ୍ରହଣ କରିଥିଲେ । ପିଲାଟି ଦିନରୁ ବ୍ରିଟିଶ୍ ସରକାରଙ୍କ ବିରୋଧରେ ସେ ସଂଗ୍ରାମରେ ଝାସ ଦେଇଥିଲେ । ଜୀବନର ୩୭ ବର୍ଷ ତାଙ୍କର ଜେଲ୍‌ରେ ବିତିଥିଲା । ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଆଜି ବିଭିନ୍ନ ସ୍ଥାନରେ ସମାରୋହମାନ ଆୟୋଜନ କରାଯାଇଛି ।

# ରିପବ୍ଲିକ୍ ଡେ ପରେଡ୍

୭୬ତମ ସାଧାରଣତନ୍ତ୍ର ଦିବସ ପରେଡ୍‌ରେ ବିଭିନ୍ନ ରାଜ୍ୟ, କେନ୍ଦ୍ରଶାସିତ ଅଞ୍ଚଳ ଏବଂ କେନ୍ଦ୍ରୀୟ ମନ୍ତ୍ରଣାଳୟ ପକ୍ଷରୁ ୨୬ଟି ପ୍ରଜ୍ଞାପନ ମେଢ଼ ପ୍ରଦର୍ଶନ କରାଯିବ । ସ୍ୱର୍ଣ୍ଣିମ ଭାରତ 'ବିରାସତ୍ ଔର ବିକାଶ' ବିଷୟବସ୍ତୁ ଉପରେ ଆଧାରିତ ଏହି ପ୍ରଜ୍ଞାପନ ମେଢ଼ ଗୁଡ଼ିକ ପ୍ରସ୍ତୁତ କରାଯାଇଛି । ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି, ଏହି ପ୍ରଜ୍ଞାପନ ମେଢ଼ ଗୁଡ଼ିକ ଭାରତର ବିଭିନ୍ନ କ୍ଷେତ୍ରର ଶକ୍ତିକୁ ଉପସ୍ଥାପନ କରିବ । ଚଳିତ ବର୍ଷ ପ୍ୟାରେଡ୍‌ରେ ତିନି ବାହିନୀ ପକ୍ଷରୁ ମିଳିତ ଭାବେ ଏକ ପ୍ରଜ୍ଞାପନ ମେଢ଼ ପ୍ରସ୍ତୁତ କରାଯାଇଛି । ସଶସ୍ତ୍ର ବାହିନୀର ଏକତା, ଜାତୀୟ ନିରାପତ୍ତା ଏବଂ

ପରିଚାଳନାଗତ ଉତ୍କର୍ଷକୁ ଏଥିରେ ପ୍ରତିପାଦନ କରାଯିବ । ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ମଧ୍ୟ ପ୍ରଥମଥର ପାଇଁ ଚଳିତ ବର୍ଷ ଏକ ପ୍ରଜ୍ଞାପନ ମେଢ଼ ପ୍ରସ୍ତୁତ କରାଯାଇଛି । ଭୂବିଜ୍ଞାନ ମନ୍ତ୍ରଣାଳୟର ସଚିବ ଡକ୍ଟର ଏମ୍. ରବିଚନ୍ଦ୍ରନ୍ କହିଛନ୍ତି, ଭାରତୀୟ ପାଣିପାଗ ବିଭାଗର ଦେଢ଼ଶହ ବର୍ଷ ସମୃଦ୍ଧ ଇତିହାସ ଏବଂ ଯାତ୍ରାକୁ ଏହି ପ୍ରଦର୍ଶନୀ ମାଧ୍ୟମରେ ଲୋକଙ୍କ ସାମ୍ନାରେ ଉପସ୍ଥାପନ କରାଯିବ । ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ 'ବିରାସତ୍ ଭି ବିକାଶ ଭି' ପ୍ରସଙ୍ଗ ଶୀର୍ଷକ ପ୍ରଜ୍ଞାପନ ମେଢ଼ ପରେଡ୍‌ରେ ପ୍ରଦର୍ଶନ କରାଯିବ ।

## ଟ୍ରେନ୍ ଆକ୍ସିଡେଣ୍ଟ

ମହାରାଷ୍ଟ୍ରର ଜଲ୍‌ଗାଓଁ ଜିଲ୍ଲା ଅନ୍ତର୍ଗତ ପଚୋରା ତାଲୁକା ଠାରେ ଗତ ସନ୍ଧ୍ୟାରେ ଘଟିଥିବା ଟ୍ରେନ୍ ଦୁର୍ଘଟଣାରେ ମୃତ୍ୟୁ ସଂଖ୍ୟା ୧୨ରେ ପହଞ୍ଚିଛି । ସେମାନଙ୍କ ମଧ୍ୟରେ ତିନି ଜଣ ମହିଳା ଏବଂ ଗୋଟିଏ ୧୦ ବର୍ଷର ଶିଶୁ ରହିଛି । ୧୪ ଜଣ ଆହତ ହୋଇଛନ୍ତି । ଜଲ୍‌ଗାଓଁ ଆରକ୍ଷି ଅଧିକ୍ଷକ ଡକ୍ଟର ମହେଶ୍ୱର ରେଡ୍ଡୀ କହିଛନ୍ତି, ଆହତଙ୍କ ମଧ୍ୟରେ କେହି ଗୁରୁତର ଥିବା ଜଣାପଡ଼ିନାହିଁ । କେନ୍ଦ୍ରୀୟ ରେଳବାଇର ମୁଖ୍ୟ ଜନସମ୍ପର୍କ ଅଧିକାରୀ ସ୍ୱପ୍ନିଲ ନିଲା କହିଛନ୍ତି, ଆଲାରାମ୍ ଚେନ୍ ଟାଣିବା ଘଟଣା ପରେ କିଛି ଯାତ୍ରୀ ଟ୍ରେନ୍‌ରୁ ଓହ୍ଲାଇବା ସମୟରେ ଏହି ଦୁର୍ଘଟଣା ଘଟିଛି । ପୁଷ୍ପକ୍

ଏକ୍ସପ୍ରେସ୍‌ର ଯାତ୍ରୀଙ୍କୁ କର୍ଣ୍ଣାଟକ ଏକ୍ସପ୍ରେସ୍ ଧକ୍କା ଦେବାରୁ ଏହି ଦୁର୍ଘଟଣା ଘଟିଛି । ନିକଟବର୍ତ୍ତୀ ଏକ ବଗିରେ ନିଆଁ ଲାଗିବାର ଗୁଜବ ପ୍ରଚାର ଯୋଗୁଁ ଚେନ୍ ଟାଣିବା ଘଟଣା ଘଟିଥିବା ନେଇ ସେ ସୂଚନା ଦେଇଛନ୍ତି ।

ଏହି ଘଟଣାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଏବଂ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ଣାବିସ ଗଭୀର ଶୋକ ପ୍ରକାଶ କରିଛନ୍ତି ।

ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ପୃଥକ ପୃଥକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ମୃତକଙ୍କ ପରିବାରବର୍ଗଙ୍କ ପ୍ରତି ସମବେଦନା ଜ୍ଞାପନ କରିବା ସହ ଆହତଙ୍କର ଆଶୁଆରୋଗ୍ୟ କାମନା କରିଛନ୍ତି । ସ୍ୱରାଷ୍ଟ୍ର ମନ୍ତ୍ରୀ ଶ୍ରୀ ଶାହା ଦୁର୍ଘଟଣା ସ୍ଥିତି ନେଇ ମୁଖ୍ୟମନ୍ତ୍ରୀ ଶ୍ରୀ ଫଡ଼ନାବିସ୍‌ଙ୍କ ସହ ଆଲୋଚନା କରିଛନ୍ତି । ଶ୍ରୀ ଫଡ଼ନାବିସ ମୃତକଙ୍କ ପରିବାରବର୍ଗଙ୍କ ଲାଗି ୫ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଘୋଷଣା କରିଛନ୍ତି । ଆହତଙ୍କ ସମସ୍ତ ଚିକିତ୍ସା ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ ବୋଲି ସେ କହିଛନ୍ତି ।

## ଇସ୍ରାଏଲ୍-ୱେଷ୍ଟ ବ୍ୟାଙ୍କ୍

ୱେଷ୍ଟବ୍ୟାଙ୍କ୍‌ର ଜେନିନ୍ ସହର ଉପରେ ଇସ୍ରାଏଲ୍‌ର ସାମରିକ ଅଭିଯାନ ଯୋଗୁଁ ୧୦ ଜଣ ପାଲେଷ୍ଟାଇନ୍ ପ୍ରାଣ ହରାଇଛନ୍ତି । ଗାଜା

ଅସ୍ତ୍ରବିରତି କାର୍ଯ୍ୟକାରି ହେବାର କିଛି ଦିନ ପରେ ଇସ୍ରାଏଲ୍ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି । ଇସ୍ରାଏଲ୍ ସେନା, ପୁଲିସ୍, ସିନ୍‌ବେଟ୍ ସୁରକ୍ଷା ଏଜେନ୍ସି ମିଳିତ ଭାବରେ ଆଇରନ୍‌ୱାଲ୍ ଶୀର୍ଷକ ଏହି ଅଭିଯାନ କରିଛନ୍ତି । ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍‌ନ୍ୟାହୁ କହିଛନ୍ତି,  ଜେନିନ୍ ସହରରୁ ଆତଙ୍କବାଦକୁ ସମ୍ପୂର୍ଣ୍ଣ ମୂଳୋତ୍ପାଟନ କରିବା ପାଇଁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି । ଗତ ୨୦୨୩ ଅକ୍ଟୋବର ୭ରେ ହମାସ ପକ୍ଷରୁ ଆକ୍ରମଣ ପୂର୍ବରୁ ଇସ୍ରାଏଲ୍ ସେନା ଏବଂ ପାଲେଷ୍ଟାଇନ୍ ଆତଙ୍କବାଦୀଙ୍କ ଆକ୍ରମଣରେ ଜେନିନ୍ ଠାରେ ବାରମ୍ବାର ସଂଘର୍ଷ ହୋଇଥିଲା ବୋଲି ସେ କହିଛନ୍ତି । ପାଲେନ୍‌ଷ୍ଟାଇନ୍ ସରକାରୀ ଗଣମାଧ୍ୟମ ୱାଫା କହିଛି, ଇସ୍ରାଏଲ୍ ଯୁଦ୍ଧ ବିମାନ ଜେନିନ୍ ସହର ଉପରେ ଆକ୍ରମଣ କରିଥିବା ବେଳେ ସ୍ଥଳ ସେନା ସହରର ଶରଣାର୍ଥୀ ଶିବିରକୁ ଘେରାଉ କରି ରଖିଛି । ଆମ୍ବୁଲାନ୍ସ ଗୁଡ଼ିକୁ ସେଠାରେ ପ୍ରବେଶ କରିବାକୁ ବାରଣ କରାଯାଇଛି । ଏହାର ଜବାବରେ ପଶ୍ଚିମତଟରେ ଥିବା ପାଲେଷ୍ଟାଇନ୍ ଏବଂ ବିପ୍ଳବୀ ଯୁବକ ଗୋଷ୍ଠୀକୁ ଇସ୍ରାଏଲ୍ ସେନା ସହ ସଂଘର୍ଷରେ ସାମିଲ ହେବାକୁ ହମାସ ପକ୍ଷରୁ ଆହ୍ୱାନ ଦିଆଯାଇଛି ।

ସୂଚନା ଯୋଗ୍ୟ ୱେଷ୍ଟବ୍ୟାଙ୍କ୍‌ର ପାଲେଷ୍ଟିନିୟ ଗତ ୧୫ ତାରିଖରେ ହୋଇଥିବା ଗାଜା ଅସ୍ତ୍ରବିରତିକୁ ସ୍ୱାଗତ କରିଥିଲେ ।

# ଉତ୍ତରାଖଣ୍ଡ-ଇଲେକ୍ସନ୍

ଉତ୍ତରାଖଣ୍ଡରେ ଆଜି ୧୦୦ଟି ପୌରସଂସ୍ଥା ପାଇଁ ମତଦାନ ଅନୁଷ୍ଠିତ ହେବ । ସକାଳ ୮ଟାରୁ ଅପରାହ୍ଣ ୫ଟା ପର୍ଯ୍ୟନ୍ତ ମତଗ୍ରହଣ କରାଯିବ । ରାଜ୍ୟ ନିର୍ବାଚନ କମିଶନର ସୁଶୀଲ କୁମାର କହିଛନ୍ତି, ଏଥିପାଇଁ ସମଗ୍ର ରାଜ୍ୟରେ ୧ହଜାର ୫୧୫ଟି ମତଦାନ କେନ୍ଦ୍ର ସ୍ଥାପନ କରାଯାଇଛି । ୩ହଜାର ୩୯୪ଟି ପୁଲିଂ ବୁଥ୍‌ରେ ୩୦ଲକ୍ଷ ୨୯ ହଜାର ଭୋଟର ସେମାନଙ୍କର ମତାଧିକାର ସାବ୍ୟସ୍ତ କରିବେ । ସ୍ୱଚ୍ଛ ଏବଂ ଅବାଧ ନିର୍ବାଚନ ପାଇଁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି ବୋଲି ଶ୍ରୀ କୁମାର ସୂଚନା ଦେଇଛନ୍ତି ।

# କ୍ରିକେଟ୍

ଇଡେନ୍‌ଗାର୍ଡେନ୍ ଟି-ଟ୍ୱେଣ୍ଟି ମ୍ୟାଚ୍‌ରେ ଭାରତ ଇଂଲଣ୍ଡକୁ ୭ୱିକେଟ୍‌ରେ ପରାସ୍ତ କରିଛି । ଟସ୍ ଜିତି ଭାରତ ଇଂଲଣ୍ଡକୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା । ଇଂଲଣ୍ଡ ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ୱିକେଟ୍ ହରାଇ ୧୩୨ରନ୍ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ଅଧିନାୟକ ଜୋସ୍ ବଟଲର୍ ୪୪ଟି ବଲ୍‌ରୁ ସର୍ବାଧିକ ୬୮ରନ୍ ସଂଗ୍ରହ କରିଥିଲେ । ୧୩୩ରନ୍‌ର ବିଜୟ ଲକ୍ଷ୍ୟକୁ ଭାରତ ୧୨ ଓଭର ୫ଟି ବଲ୍‌ରେ ୩ ୱିକେଟ୍ ବିନିମୟରେ ହାସଲ କରିଥିଲା । ଭାରତ ପକ୍ଷରୁ ଅଭିଶେକ ଶର୍ମା

୩୪ ବଲ୍‌ରୁ ୭୯ରନ୍‌ର ଚିତାକର୍ଷକ ପାଳି ଖେଳିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସଂଜୁ ସାମସନ୍ ୨୬ରନ୍ ଏବଂ ତିଲକ ବର୍ମା ଅପରାଜିତ ୧୯ରନ୍ ସଂଗ୍ରହ କରିଥିଲେ । ଏହି ବିଜୟ ସହ ଭାରତ ୫ଟିକିଆ ସିରିଜ୍‌ରେ ୧-୦ରେ ଆଗୁଆ ରହିଛି । ଦ୍ୱିତୀୟ ମ୍ୟାଚ୍ ଆସନ୍ତା ଶନିବାର ଦିନ ଚେନ୍ନାଇର ଏମ୍.ଏ. ଚିଦାମ୍ବରମ୍ ଷ୍ଟାଡିୟମ୍‌ରେ ଖେଳାଯିବ ।

## ହକି

ହକି ଇଣ୍ଡିଆ ଲିଗ୍ ପ୍ରତିଯୋଗିତାରେ ପୁରୁଷ ବର୍ଗରେ ଗତକାଲି ଜେ.ଏସ୍.ଡବ୍ଲ୍ୟୁ. ସୁରମା ହକି କ୍ଲବ୍ ବିଜୟୀ ହୋଇଛି । ରାଞ୍ଚିର ଜୟପାଲ ସିଂହ ମୁଣ୍ଡା ହକି ଷ୍ଟାଡିୟମ୍ ଠାରେ ଗତକାଲି ଖେଳାଯାଇଥିବା ଏହି ମ୍ୟାଚ୍‌ରେ ସୁରମା ହକି କ୍ଲବ୍ ଦିଲ୍ଲୀ ଏସ୍.ଜି. ପାଇପାର୍ସ୍‌କୁ ୨-୧ ଗୋଲ୍‌ରେ ପରାସ୍ତ କରିଛି । ଏହି ବିଜୟ ସହ ସୁରମା ହକି କ୍ଲବ୍ ତାଲିକାର ତୃତୀୟ ସ୍ଥାନକୁ ଉନ୍ନିତ ହୋଇଥିବା ବେଳେ ଦିଲ୍ଲୀ ଏସ୍.ଜି. ପାଇପର୍ସ୍ ତାଲିକାର ନିମ୍ନତମ ସ୍ଥାନରେ ରହିଛି ।

ଅନ୍ୟ ପକ୍ଷରେ ମହିଳା ବର୍ଗରେ ଶ୍ରାଚି ରାହା ବେଙ୍ଗଲ ଟାଇଗର୍ସ ଦିଲ୍ଲୀ ଏସ୍.ଜି ପାଇପର୍ସକୁ ୨-୦ ଗୋଲ୍‌ରେ ପରାସ୍ତ କରିଛି ।

ଆଜି ମହିଳା ବର୍ଗରେ ରାଞ୍ଚିଠାରେ ଓଡ଼ିଶା ୱାରିୟର୍ସ୍ ଏବଂ ଦିଲ୍ଲୀ ଏସ୍.ଜି. ପାଇପର୍ସ ମଧ୍ୟରେ ସନ୍ଧ୍ୟା ୬ଟା ୧୫ ମିନିଟ୍ ସମୟରେ ମୁକାବିଲା ହେବ । ପୁରୁଷ ବର୍ଗରେ ରାଉରକେଲା ଠାରେ ତାମିଲନାଡୁ ଡ୍ରାଗନ୍ସ ଏବଂ ହାଇଦ୍ରାବାଦ ତୁଫାନ୍ସ ରାତି ୮ଟା ୧୫ ମିନିଟ୍‌ରେ ପରସ୍ପରକୁ ଭେଟିବେ ।

## ଅଣ୍ଡର ନାଇଣ୍ଟିନ୍

ଆଇ.ସି.ସି. ୧୯ ବର୍ଷରୁ କମ୍ ମହିଳା ଟି-ଟ୍ୱେଣ୍ଟି କ୍ରିକେଟ୍ ବିଶ୍ୱକପ୍ ପ୍ରତିଯୋଗିତାର ଏକ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍‌ରେ ଆଜି ଭାରତ ଶ୍ରୀଲଙ୍କାକୁ ଭେଟିବ । ମାଲେସିଆର କ୍ୱାଲାଲାମ୍ପୁର ଠାରେ ଭାରତୀୟ ସମୟ ମଧ୍ୟାହ୍ନ ୧୨ଟାରେ ଏହି ମ୍ୟାଚ୍ ଆରମ୍ଭ ହେବ । ଗ୍ରୁପ୍-ଏ ପର୍ଯ୍ୟାୟରେ ଭାରତ ଗତ ରବିବାର ଦିନ ୱେଷ୍ଟଇଣ୍ଡିଜ୍‌କୁ ୯ ୱିକେଟ୍‌ରେ ପରାସ୍ତ କରିଥିବା ବେଳେ ମଙ୍ଗଳବାର ଦିନ ମାଲେସିଆ ବିରୁଦ୍ଧରେ ୧୦ ୱିକେଟ୍‌ରେ ବିଜୟ ହାସଲ କରିଥିଲା । ଗ୍ରୁପ୍ ପର୍ଯ୍ୟାୟ ତାଲିକାରେ ଭାରତ ଏ ପର୍ଯ୍ୟନ୍ତ ତାଲିକାର ଶୀର୍ଷ ସ୍ଥାନରେ ରହିଛି । ଦୁଇଟି ବିଜୟ ସହ ଭାରତ ସୁପର ସିକ୍ସ ପର୍ଯ୍ୟାୟକୁ ଉନ୍ନିତ ହୋଇସାରିଛି ।

# ଫୁଟବଲ୍

ଇଣ୍ଡିଆନ୍ ସୁପର ଲିଗ୍ ଫୁଟବଲ୍ ପ୍ରତିଯୋଗିତାରେ ଓଡ଼ିଶା ଏଫ୍.ସି. ଗତକାଲିର ମ୍ୟାଚ୍‌ରେ ବିଜୟୀ ହୋଇଛି । ବେଙ୍ଗାଲୁରୁରେ ଖେଳାଯାଇଥିବା ଏହି ପ୍ରତିଯୋଗିତାରେ ଓଡ଼ିଶା ଏଫ୍.ସି. ୩-୨ ଗୋଲ୍‌ରେ ବେଙ୍ଗାଲୁରୁ ଏଫ୍.ସି.କୁ ପରାସ୍ତ କରିଛି । ଏହି ବିଜୟ ସହ ୧୭ଟି ମ୍ୟାଚ୍‌ରୁ ୨୪ ପଏଣ୍ଟ ହାସଲ କରି ଓଡ଼ିଶା ଏଫ୍.ସି. ତାଲିକାର ଷଷ୍ଠ ସ୍ଥାନରେ ପହଞ୍ଚିଛି । ଆସନ୍ତା ୩ ତାରିଖରେ ଭୁବନେଶ୍ୱର ସ୍ଥିତ କଳିଙ୍ଗ ଷ୍ଟାଡିୟମ୍‌ରେ ଓଡ଼ିଶା ଏଫ୍.ସି. ଏବଂ ନର୍ଥ ଇଷ୍ଟ ୟୁନାଇଟେଡ୍ ମଧ୍ୟରେ ମୁକାବିଲା ହେବ ।